
ଓଡ଼ିଶା ସାହିତ୍ୟ ଏକାଡେମୀ
ସମାଚାର
ODISHA SAHITYA AKADEMI SAMACHAR

42nd Issue : July-September 2015 | ସଂଖ୍ୟା ୪୨ : ଜୁଲାଇ-ସେପ୍ଟେମ୍ବର ୨୦୧୫

# ନୂଆଦିଲ୍ଲୀଠାରେ ପୁସ୍ତକ ଲୋକାର୍ପଣ ଓ ଆଲୋଚନାଚକ୍ର



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୪୦ ମାକ୍ସ ମୁଲାର ମାର୍ଗ, ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଇଣ୍ଟର ନ୍ୟାସନାଲ ସେଣ୍ଟର ସଭାଗୃହରେ ତା ୧୭.୯.୧୫ରିଖ ପୂର୍ବାହ୍ଣ ୧୦.୩୦ ଘଣ୍ଟା ସମୟରେ ଆଦିକବି ସାରଳା ଦାସକୃତ ଓଡ଼ିଆ ମହାଭାରତର ହିନ୍ଦୀ ଭାଷାରେ ଅନୁଦିତ ହୋଇଥିବା ପୁସ୍ତକର ଲୋକାର୍ପଣ ସହିତ "ଭାରତୀୟ କଥା ସାହିତ୍ୟରେ ନିମ୍ନବର୍ଗଙ୍କ ସ୍ୱର" ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବକ୍ତାମାନେ ଭାରତୀୟ ସାହିତ୍ୟରେ ନିମ୍ନବର୍ଗଙ୍କ ସ୍ୱର ଉପରେ ମତାମତ ଦେଇ ସେମାନଙ୍କ ଜୀବନଚର୍ଯ୍ୟା, ଆଚାର ବିଚାର ଓ ସାଂସ୍କୃତିକ ପରିଚିତି ମାଟି ମନସ୍କତା ଓ ଜନବାଦୀ ଚିନ୍ତାଧାରାକୁ ସମୃଦ୍ଧ କରିଛି ବୋଲି କହିଥିଲେ । ବିଶିଷ୍ଟ ସମାଲୋଚକ ଡକ୍ଟର ରାଜକୁମାର, ଡକ୍ଟର ହିରିଶ ତ୍ରିବେଦୀ, ଡକ୍ଟର ବସନ୍ତ କୁମାର ପଣ୍ଡା ଯୋଗଦେଇ ଭାରତୀୟ ସାହିତ୍ୟରେ ନିମ୍ନବର୍ଗର ସ୍ୱର ବିଗତ ଦୁଇ ଦଶକ ଧରି ଉପସ୍ଥାପିତ ହୋଇ ଆସୁଛି ବୋଲି କହିବା ସହିତ ଏହା ଦ୍ୱାରା ଆମ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ସାହିତ୍ୟିକ ଚେତନାର ସମ୍ପ୍ରସାରଣ ହୋଇପାରିଥିବା ମତ ଦେଇଥିଲେ । ପ୍ରଫେସର ରାଜକିଶୋର ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ନିଜର ବକ୍ତବ୍ୟ ରଖିଥିଲେ ।

ପ୍ରଥମ ଅଧିବେଶନରେ ଶୂଦ୍ର ମୁନି ସାରଳା ଦାସଙ୍କ ରଚିତ 'ମହାଭାରତ'ର ହିନ୍ଦୀ ଅନୁବାଦଉନ୍ମୋଚିତ ହୋଇଥିଲା । କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି ଡକ୍ଟର ବିଶ୍ୱନାଥ ପ୍ରସାଦତିୱାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ମହାଭାରତ ଗୋସ୍ୱାମୀ ତୁଳସୀ ଦାସଙ୍କ 'ରାମଚରିତ ମାନସ'ର ପୂର୍ବବର୍ତ୍ତୀ ରଚନା ଓ ଏଥିରେ ରହିଥିବା ସୃଜନଶୀଳ ମୌଳିକତା ଭାରତୀୟ ସାହିତ୍ୟରେ ବିରଳ ବୋଲି ଉଲ୍ଲେଖ କରିଥିଲେ । ବିଶିଷ୍ଟ ସାହିତ୍ୟିକ ଡକ୍ଟର ଇନ୍ଦ୍ରନାଥ ଚୌଧୁରୀ କହିଲେ ମହାଭାରତ ଓ ରାମାୟଣ ବିଭିନ୍ନ ସମୟରେ ପୁନଃ ସୃଜିତ ହୋଇ ଜାତୀୟ ମୂଲ୍ୟବୋଧର ପ୍ରସାର କରି ଆସିଛନ୍ତି । ଓଡ଼ିଶାର ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀ ସାରଳା ମହାଭାରତକୁ ଶବ୍ଦ କୋଣାର୍କ ଭାବେ ଅଭିହିତ କରି ଏହା ଓଡ଼ିଆ ସ୍ୱାଭିମାନକୁ ପ୍ରତିଷ୍ଠିତ କରି ରଖିଛି ବୋଲି କହିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତା ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଗ୍ରନ୍ଥର ଅନୁବାଦକ ପ୍ରଫେସର ଡକ୍ଟର ହରିଶ୍ଚନ୍ଦ୍ର ମିଶ୍ର, ନୀଳାଦ୍ରି ଭୂଷଣ ହରିଚନ୍ଦନ, ଇଂ ପ୍ରଭାକର ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

ଡକ୍ଟର ଶଙ୍କର ଲାଲ ପୁରୋହିତ ଓ ଡକ୍ଟର ବସନ୍ତ କୁମାର ପଣ୍ଡାଙ୍କ ସମ୍ପାଦିତ "ଉତ୍କଳ ବିବିଧ ପ୍ରସଙ୍ଗ" ଶୀର୍ଷକ ହିନ୍ଦୀ ପୁସ୍ତକ ସମେତ ଏକାଡେମୀ ପ୍ରକାଶିତ ନଅଖଣ୍ଡ ପୁସ୍ତକ ଏହି ଅବସରରେ ଉନ୍ମୋଚିତ ହୋଇଥିଲା । ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଯୋଜନା ଅଧିକାରୀ ଶ୍ରୀ ରବି ନାରାୟଣ ରାୟ ଶେଷରେ ଧନ୍ୟବାଦଅର୍ପଣ କରିଥିଲେ ।

## କବି କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଯୁବଶକ୍ତି ସାମାଜିକ ଓ ସାଂସ୍କୃତିକ ପରିଷଦଏବଂ ଷ୍ଟାର ୟୁଥ୍ କ୍ଲବଙ୍କ ମିଳିତ ସହଯୋଗରେ ସବୁଜ ଯୁଗର ପ୍ରଖ୍ୟାତ କବି କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଏକ ସାରସ୍ୱତ ସଭା କବିଙ୍କ ଜନ୍ମପୀଠ ଖୋର୍ଦ୍ଧା ଜିଲ୍ଲାସ୍ଥ ବିଶ୍ୱନାଥପୁରଠାରେ ତା ୨.୭.୧୫ ରିଖ ଅପରାହ୍ଣ ୫ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି ।

ବାଲିପାଟଣା ପ୍ରେସ୍ କ୍ଲବର ସଭାପତି ଶ୍ରୀ ଦିଲ୍ଲୀପ କୁମାର ଓଝାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦାନ କରି କହିଲେ, କାଳିନ୍ଦୀଚରଣ ଜଣେ କାଳଜୟୀ ସ୍ରଷ୍ଟାଥିଲେ । ତାଙ୍କ ସାହିତ୍ୟ ଓଡ଼ିଆ ପାଠକଙ୍କୁ ଉଦ୍‌ବୁଦ୍ଧ କରିଛି । ଓଡ଼ିଆ ଆଧୁନିକ ସାହିତ୍ୟକୁ ସେ ସମୃଦ୍ଧ କରିଥିଲେ । ସେ ଥିଲେ ପ୍ରେମ, ପ୍ରଣୟ ପ୍ରଗତିର କବି । ଓଡ଼ିଆ ଭାଷା ସୁରକ୍ଷାର ଅନ୍ୟତମ ସାରଥି । ତାଙ୍କ ସାହିତ୍ୟରେ ଏକତ୍ୱବାଦ, ସାମାଜିକ ଶୃଙ୍ଖଳା ଓ ସଂସ୍କାରର ସୂଚନା ଥିଲା । ସେହିପରି ଦାରୁଠେଙ୍ଗ ସରପଞ୍ଚ ରତୁରାଜ ରାଉତରାୟ ଅନ୍ୟତମ ଅତିଥି ଭାବେ ଯୋଗଦେଇ କହିଲେ କାଳିନ୍ଦୀଙ୍କ ସାହିତ୍ୟ ସମାଜର ଦର୍ପଣ ସଦୃଶ । ସମ୍ମାନନୀୟ ଅତିଥିଭାବେ ଅବସରପ୍ରାପ୍ତ ତହସିଲଦାର କାହ୍ନୁଚରଣ ପରିଡ଼ା ଏହି ସଭାରେ ଯୋଗଦେଇ କହିଲେ, କାଳିନ୍ଦୀଙ୍କ ସାହିତ୍ୟକୃତି ଚିରସ୍ମରଣୀୟ । ସେ ଓଡ଼ିଆ ଜାତିର ଗର୍ବ ଓ ଗୌରବ । ଯୁବଶକ୍ତି ସାମାଜିକ ଓ ସାଂସ୍କୃତିକ ପରିଷଦର ସମ୍ପାଦକ ଭାରତଭୂଷଣ ମିଶ୍ର ଏହି ସଭାରେ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି କାଳିନ୍ଦୀଙ୍କ ସାହିତ୍ୟ ବିଷୟରେ ଆଲୋଚନା କରିଥିଲେ । ଶେଷରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦଅର୍ପଣ କରିଥିଲେ ।

## କର୍ମବୀର ଗୌରୀଶଙ୍କର ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କର୍ମବୀର ଗୌରୀଶଙ୍କର ରାୟ ସ୍ମୃତି ସଂସଦ, ଓଡ଼ିଶା ପ୍ରଦେଶସ୍ଥ କାୟସ୍ଥ ସଭା, ଉତ୍କଳ ସାହିତ୍ୟ ସମାଜ ଓ କଟକ ମହାନଗର ନିଗମଙ୍କ ମିଳିତ ସହଯୋଗରେ କର୍ମବୀର ଗୌରୀଶଙ୍କର ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଏକ ସାହିତ୍ୟ ସଭା କଟକସ୍ଥ ଶ୍ରୀରାମଚନ୍ଦ୍ର ଭବନରେ ତା ୧୩.୭.୧୫ ରିଖ ସନ୍ଧ୍ୟା ୬ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି ।

କର୍ମବୀର ଗୌରୀଶଙ୍କର ରାୟ ସ୍ମୃତି ସଂସଦର ସଭାପତି ଶ୍ରୀ କାର୍ତ୍ତିକ ଚନ୍ଦ୍ର ଚାନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମାନ୍ୟବର ରାଜ୍ୟସଭା ସଦସ୍ୟ ଶ୍ରୀ ବୈଷ୍ଣବ ଚରଣ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦାନ କରି ଗୌରୀଶଙ୍କରଙ୍କ ବହୁବିଧ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ । ଓଡ଼ିଆ ଭାଷାର ଶ୍ରୀବୃଦ୍ଧି ସାଧନ ତଥା ଓଡ଼ିଶାରେ ଶିକ୍ଷାର ଉନ୍ନତି ନିମନ୍ତେ ମୌଳିକ ରଚନା ଓ ଅନୁବାଦଆକାରରେ ଅନେକ ପାଠ୍ୟ ପୁସ୍ତକ ରଚନା କରି ସେ ଓଡ଼ିଆ ପାଠ୍ୟପୁସ୍ତକ ଭଣ୍ଡାରକୁ ସମୃଦ୍ଧ କରିଥିଲେ ବୋଲି ଶ୍ରୀ ପରିଡ଼ା ମତବ୍ୟକ୍ତ କରିଥିଲେ । ବିଶିଷ୍ଟ




ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ ଏହି ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦାନ କରି କହିଲେ, ଗୌରୀଶଙ୍କର ଥିଲେ ଜଣେ ସମାଜ ସଂସ୍କାରକ । ସମାଜରେ ପ୍ରଚଳିତ ଘୃଣ୍ୟ ପ୍ରଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ ପୂର୍ବକ ତାଙ୍କ ଦ୍ୱାରା ସମ୍ପାଦିତ 'ଉତ୍କଳ ଦୀପିକା' ପତ୍ରିକାରେ ଅନେକ ସମାଲୋଚନା ଲେଖା ସେ ପ୍ରକାଶ କରୁଥିଲେ । କର୍ତ୍ତବ୍ୟନିଷ୍ଠ ଓ ନିୟମାନୁବର୍ତ୍ତିତା ଥିଲା ତାଙ୍କ ବ୍ୟକ୍ତିତ୍ୱର ମହାନ୍ ଗୁଣ । ଏହି ସଭାରେ ଏକାଡେମୀ କାର୍ଯ୍ୟକାରୀ ପରିଷଦସଦସ୍ୟ ଡକ୍ଟର ବିଜୟାନନ୍ଦ ସିଂହ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି ଗୌରୀଶଙ୍କର ମହାନ୍ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ । ଶେଷରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦଅର୍ପଣ କରିଥିଲେ । ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ଶ୍ରୀ ମନୋଜ ପଟ୍ଟନାୟକ, ଉପସଭାପତି ଡକ୍ଟର ଗୋବିନ୍ଦଚନ୍ଦ୍ର ଚାନ୍ଦ ଏହି ସଭାର ଆସନ ଅଳଙ୍କୃତ କରିଥିଲେ ।

## ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଉତ୍କଳ ସାହିତ୍ୟ ସମାଜଙ୍କ ମିଳିତ ଆନୁକୂଲ୍ୟରେ ଲବ୍ଧପ୍ରତିଷ୍ଠ ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଏକ ସାରସ୍ୱତ ସଭା କଟକସ୍ଥିତ ଶ୍ରୀ ରାମଚନ୍ଦ୍ର ଭବନଠାରେ ତା ୧୧.୮.୧୫ ରିଖ ସନ୍ଧ୍ୟା ୬.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି ।

ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଦେବସ୍ନାନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ କଥାକାର ବିଭୂତି ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ, କଥାକାର କାହ୍ନୁଚରଣ ମହାନ୍ତି ଥିଲେ ଓଡ଼ିଆ ସାହିତ୍ୟର ଅସାଧାରଣ ସ୍ରଷ୍ଟା । ତାଙ୍କ ଉପନ୍ୟାସ ସମଗ୍ରରେ ଓଡ଼ିଆ ଜନଜୀବନ, ଜାତିର ସମୃଦ୍ଧ ଐତିହ୍ୟ ଓ ସମାଜ ସଂସ୍କାର ଦୃଷ୍ଟିକୋଣ ଥିଲା ଅନନ୍ୟ । ନିରବଚ୍ଛିନ୍ନ ଭାବେ ଦୀର୍ଘ ଛଅ ଦଶନ୍ଧିଧରି ସେ ଲେଖନୀ ଚାଳନା ଦ୍ୱାରା କରି ଷାଠିଏରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରି ସେ ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ତାଙ୍କ ଉପନ୍ୟାସରେ ଜାତୀୟତାବୋଧ, ସମାଜ ସଂସ୍କାର ଓ ବୈପ୍ଳବିକ ଆଭିମୁଖ୍ୟ ନିହିତ ଥିଲା । କଥାକାର ସୁରେନ୍ଦ୍ରନାଥ ସ୍ୱାଇଁ ସମ୍ମାନନୀୟ ଅତିଥି ଓ ନାଟ୍ୟକାର ପ୍ରଫେସର ବିଜୟ କୁମାର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କାହ୍ନୁଚରଣଙ୍କ ସୃଷ୍ଟିର ବୈଶିଷ୍ଟ୍ୟ ଓ ସାଧନାମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ । ସହଯୋଗୀ ଅନୁଷ୍ଠାନର ସଙ୍ଗଠନ ସମ୍ପାଦକ ଜୀବନାନନ୍ଦ ଅଧିକାରୀ ପ୍ରାରମ୍ଭରେ ଅତିଥି ଓ ସୁଧୀବୃନ୍ଦଙ୍କୁ ସ୍ୱାଗତ ଜଣାଇଥିଲେ । ସାଧାରଣ ସମ୍ପାଦକ ମନୋଜ ପଟ୍ଟନାୟକଙ୍କ ପ୍ରାରମ୍ଭିକ ସୂଚନା ଏବଂ ଅନ୍ୟତମ ଉପସଭାପତି ଡକ୍ଟର ଗୋବିନ୍ଦଚନ୍ଦ୍ର ଚାନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ପ୍ରଫେସର ଗଣେଶ୍ୱର ମିଶ୍ରଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦଅର୍ପଣ କରିଥିଲେ ।

## ପଣ୍ଡିତ ନୀଳକଣ୍ଠ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଆଚାର୍ଯ୍ୟ ଯୁବ ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଏକ ସାରସ୍ୱତ ସଭା ସାକ୍ଷୀଗୋପାଳସ୍ଥିତ ଶ୍ରୀରାମଚନ୍ଦ୍ରପୁର ଶାସନଠାରେ ତା ୫.୮.୧୫ରିଖ ସନ୍ଧ୍ୟା ୬.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି ।

ଏକାଡେମୀ ଅର୍ଥ ସମିତିର ସଦସ୍ୟ ଶ୍ରୀ ବୀରେନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟଅତିଥି, ଶ୍ରୀ ଭୀମସେନ ମହାପାତ୍ର ସମ୍ମାନନୀୟ ଅତିଥି, ସ୍ତମ୍ଭକାର ଗୌରାଙ୍ଗ ଚରଣ ପରିଡ଼ା ମୁଖ୍ୟବକ୍ତା ଓ ଶ୍ରୀ ଛାୟାକାନ୍ତ ମିଶ୍ର ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରିଥିଲେ । ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଶାର ଶିକ୍ଷା, ସାଂସ୍କୃତିକ ଓ ସାମାଜିକ ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ । ସଂସ୍କାର ମୂଳକ, ସମାଲୋଚନାଧର୍ମୀ କଳାତ୍ମକ ଓ ଆଧ୍ୟାତ୍ମିକ ଭାବଧାରା ସମନ୍ୱିତ ବହୁ ଉପାଦେୟ ପ୍ରବନ୍ଧ ଇଂରାଜୀ ଓ ଓଡ଼ିଆ ଭାଷାରେ ରଚନାକରି ସେ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ କରିଛନ୍ତି ଋଦ୍ଧିମନ୍ତ । ସମାଜର କଲ୍ୟାଣ ସାଧନରେ ସେ ସଦା ସର୍ବଦା ଚେଷ୍ଟିତ ଥିଲେ ବୋଲି ଉପସ୍ଥିତ ବକ୍ତା ଓ ଅତିଥିଗଣ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଏକାଡେମୀର ସଚିବ ସମସ୍ତ ସୁଧୀବୃନ୍ଦଙ୍କୁ ସ୍ୱାଗତ କରିବା ସହିତ ଏକାଡେମୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଶେଷରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳ ସିଂହ ଧନ୍ୟବାଦଅର୍ପଣ କରିଥିଲେ ।

## ପଣ୍ଡିତ ଗୋପୀନାଥ ନନ୍ଦଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଉତ୍କଳ ହିତୈଷିଣୀ ସମାଜଙ୍କ ସହଯୋଗରେ ପଣ୍ଡିତ ଗୋପୀନାଥ ନନ୍ଦଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଏକ ସାରସ୍ୱତ ସଭା ପାରଳାଖେମୁଣ୍ଡିସ୍ଥିତ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ତା ୨୧.୮.୧୫ ରିଖ ସନ୍ଧ୍ୟା ୬ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି ।

ଏକାଡେମୀ ସାଧାରଣ ପରିଷଦର ସଦସ୍ୟ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଶିକ୍ଷାବିତ୍ ଗୌରଚନ୍ଦ୍ର ପଣ୍ଡା ଓ ଡକ୍ଟର କୁଳମଣି ଓଝା ସମ୍ମାନନୀୟ ଅତିଥି ଏବଂ ଡକ୍ଟର ଅଜୟ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ । ପଣ୍ଡିତ ଗୋପୀନାଥ ନନ୍ଦ ଓଡ଼ିଆ ଭାଷା ସାହିତ୍ୟର ଜଣେ ଅତୁଳନୀୟ ବିଦ୍ୱାଣୀଥିଲେ । ସମାଲୋଚନା, ଭାଷାତତ୍ତ୍ୱ ଓ ବ୍ୟାକରଣ ସାହିତ୍ୟରେ ସେ ଥିଲେ ସ୍ୱତନ୍ତ୍ର । ତାଙ୍କ ଦ୍ୱାରା ରଚିତ ଶବ୍ଦତତ୍ତ୍ୱବୋଧ ଅଭିଧାନ ଓଡ଼ିଆ ବାଣୀଭଣ୍ଡାରର ଏକ ଅମୂଲ୍ୟ ସମ୍ପଦବୋଲି ଉପସ୍ଥିତ ସମସ୍ତ ବକ୍ତା ଓ ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ । ଶେଷରେ ଏକାଡେମୀ ପକ୍ଷରୁ ଧନ୍ୟବାଦଅର୍ପଣ କରାଯାଇଥିଲା ।

## କବି ରାଧାମୋହନ ଗଡ଼ନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଅନୁଗୁଳ ଜିଲ୍ଲା ସାହିତ୍ୟ ସଂସଦଙ୍କ ମିଳିତ ସହଯୋଗରେ କବି ରାଧାମୋହନ ଗଡ଼ନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଏକ ସାରସ୍ୱତ ସଭା ଅନୁଗୁଳସ୍ଥ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ତା ୨୫.୮.୧୫ରିଖ ଅପରାହ୍ଣ ୫ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି ।

ଅନୁଗୁଳ ଜିଲ୍ଲା ସାହିତ୍ୟ ସଂସଦର ସଭାପତି ପ୍ରଫେସର ମୀନକେତନ ପୁରୋହିତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ କବି ତଥା ପ୍ରାବନ୍ଧିକ ଡକ୍ଟର ଶରତ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି, ଏକାଡେମୀ ସାଧାରଣ ପରିଷଦସଦସ୍ୟା ଡକ୍ଟର ଇନ୍ଦିରା ଦାଶ ସମ୍ମାନନୀୟ ଅତିଥି ଏବଂ ଡକ୍ଟର ଦୁର୍ଗାମାଧବ ପୃଷ୍ଟି ମୁଖ୍ୟବକ୍ତା ଭାବେ ଯୋଗଦାନ କରି କହିଲେ, ରାଧାମୋହନ ଥିଲେ ମାଟିର କବି । ସେ




ବହୁ ଅନୁବାଦଓ ମୌଳିକ ସୃଷ୍ଟି ଦ୍ୱାରା ଓଡ଼ିଆ ସାହିତ୍ୟକୁ ପୁଷ୍ଟଳ କରିଛନ୍ତି । ତାଙ୍କର କାବ୍ୟ ଜଗତ ବାସ୍ତବବାଦୀ ଓ ରୋମାଣ୍ଟିକ ଚେତନାର ସମନ୍ୱୟ । ସ୍ୱଚ୍ଛ ଅଭିବ୍ୟକ୍ତି, ଶବ୍ଦବିନ୍ୟାସର ଅନୁପମ ସଂଯୋଜନା ତଥା ଲୋଭନୀୟ ସ୍ଥାପତ୍ୟରେ ତାଙ୍କ ସୃଷ୍ଟି ସମୂହ ବେଶ୍ ସୁଶୃଙ୍ଖଳ ଓ ସମ୍ଭ୍ରାନ୍ତବନ୍ତ ଯାହା ପାଠକକୁ ଅଚିରେ ଆକର୍ଷିତ କରିଥାଏ । ପ୍ରାରମ୍ଭରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରାଯାଇଥିଲା । ଶେଷରେ ଏକାଡେମୀ ପକ୍ଷରୁ ପ୍ରକାଶନ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ପୂଜାପଣ୍ଡା ଧନ୍ୟବାଦଅର୍ପଣ କରିଥିଲେ ।

# ସ୍ୱଭାବକବି ଗଙ୍ଗାଧର୍ ମେହେରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର ମେହେର କ୍ଲବ, ବରପାଲିଙ୍କ ମିଳିତ ସହଯୋଗରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଏକ ସାରସ୍ୱତ ସଭା ବରପାଲିସ୍ଥ ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ ତା ୨୯.୮.୧୫ ରିଖ ଶ୍ରାବଣ ପୂର୍ଣ୍ଣିମା ତିଥିରେ ସନ୍ଧ୍ୟା ୬ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି ।

ଓଙ୍ଗିଶା ସାହିତ୍ୟ ଏକାଡେମୀର ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମାନ୍ୟବର ସାଂସଦଡକ୍ଟର ପ୍ରଭାସ କୁମାର ସିଂହ ମୁଖ୍ୟଅତିଥି, ମାନ୍ୟବର ବିଧାନସଭା ସଦସ୍ୟ ଶ୍ରୀ ସୁବଳ ସାହୁ , ଡାକ୍ତର କୃଷ୍ଣ କେଶବ ଷଡଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରି କହିଲେ, ପ୍ରାଚ୍ୟ ପରମ୍ପରା ଓ ଆଦର୍ଶରେ ଅନୁରାଗୀ, ରସଗ୍ରାହୀ କବି ଗଙ୍ଗାଧର ଚିରନ୍ତନୀ ଭାରତୀୟ ସାହିତ୍ୟ ଓ ସଂସ୍କୃତିକୁ ଆଧାର କରି ଅଜସ୍ର କାବ୍ୟବିଭବ ସୃଷ୍ଟି କରିଯାଇଛନ୍ତି । ମାତୃଭାଷାର ଉନ୍ନତି କଳ୍ପେ ଅବିଶ୍ରାନ୍ତ ଭାବରେ ଲେଖନୀ ଚାଳନା କରି ତପସ୍ୱିନୀ, ଇନ୍ଦୁମତୀ, କୀଚକବଧ, ପ୍ରଣୟ ବଲ୍ଲରୀ ଆଦି ଅନବଦ୍ୟ ମନୋରମ କାବ୍ୟ ଏବଂ ଉଚ୍ଚକୋଟୀର ଗୀତିକବିତା ରଚନା କରି ସେ ଓଡ଼ିଆ ସାହିତ୍ୟକୁ କରିଛନ୍ତି ଋଦ୍ଧିମନ୍ତ । ବିଲୋପମୁଖୀ ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ପାଇଁ ତାଙ୍କର ଏତାଦୃଶ ଐକାନ୍ତିକ ଉଦ୍ୟମ ଅତୀବ ପ୍ରଶଂସନୀୟ । ପ୍ରାରମ୍ଭରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରାଯିବା ସହିତ ଶେଷରେ ଏକାଡେମୀ ପକ୍ଷରୁ ଧନ୍ୟବାଦଅର୍ପଣ କରା ଯାଇଥିଲା ।

# ବିଶିଷ୍ଟ ଐତିହାସିକ ପ୍ରଫେସର ଡକ୍ଟର ଭବାନୀ ଚରଣ ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସଂସ୍କୃତି ଏବଂ ଇତିହାସ ଉନ୍ନତ ଅଧ୍ୟୟନ କେନ୍ଦ୍ରଙ୍କ ମିଳିତ ସହଯୋଗରେ ପ୍ରଖ୍ୟାତ ଐତିହାସିକ ପ୍ରଫେସର ଡକ୍ଟର ଭବାନୀ ଚରଣ ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଏକ ସାରସ୍ୱତ ସଭା ଭୁବନେଶ୍ୱରସ୍ଥ ଭଞ୍ଜକଳାମଣ୍ଡପ ଠାରେ ତା ୫.୯.୧୫ ରିଖ ଜନ୍ମାଷ୍ଟମୀ ତିଥି ସନ୍ଧ୍ୟା ୬ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି ।

ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ନିର୍ବାଚନ କମିଶନର ଡକ୍ଟର ରବିନାରାୟଣ ସେନାପତି ମୁଖ୍ୟଅତିଥି, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ଅଶୋକ କୁମାର ଦାସ ସମ୍ମାନନୀୟ ଅତିଥି, ପ୍ରଫେସର ଡକ୍ଟର ଅତୁଲ ଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଏବଂ ସଂସ୍କୃତି ଓ ଇତିହାସ ଉନ୍ନତ ଅଧ୍ୟୟନ କେନ୍ଦ୍ରର ସଂଯୋଜକ ଡକ୍ଟର ରଣସିଂହ ବିମଳେନ୍ଦୁ ରାୟ ସମ୍ମାନନୀୟ ବକ୍ତା ଭାବେ ଯୋଗଦାନ କରି କହିଲେ, ଭବାନୀ ଚରଣ ଓଡ଼ିଶାର ଇତିହାସ, ସଂସ୍କୃତି ଓ ଐତିହ୍ୟ ସମ୍ପର୍କରେ ଗବେଷଣାକରି ସୁନାମ ଅର୍ଜନ କରିଛନ୍ତି । ଆମ ରାଜ୍ୟ ତଥା ଦେଶର ସେ ଜଣେ ସୁଯୋଗ୍ୟ କୃତି ଐତିହାସିକ ଭାବରେ ପରିଚିତ । ଓଡ଼ିଶା ଇତିହାସର ବହୁ ଅଜ୍ଞାତ ତଥା ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ଲୋକ ଲୋଚନକୁ ଆଣି ସେ ଓଡ଼ିଆ ଜାତିର ଗର୍ବ ଓ ଗୌରବ ବୃଦ୍ଧିରେ ଯଥେଷ୍ଟ ସହାୟକ ହୋଇଛନ୍ତି । ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦଅର୍ପଣ କରାଯାଇଥିଲା ।




# କବି ବିନୋଦଚନ୍ଦ୍ର ନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅରଣ୍ୟା ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ସୁନ୍ଦରଗଡ଼ଙ୍କ ମିଳିତ ସହଯୋଗରେ କବି ବିନୋଦଚନ୍ଦ୍ର ନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଏକ ସାରସ୍ୱତ ସଭା ସୁନ୍ଦରଗଡ଼ସ୍ଥ ବୀରମିତ୍ର କ୍ଲବ ପରିସରରେ ତା ୨.୯.୧୫ରିଖ ସନ୍ଧ୍ୟା ୬ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି ।

ଏକାଡେମୀ ସାଧାରଣ ପରିଷଦସଦସ୍ୟ ଡକ୍ଟର ଭଗବାନ ପଟେଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଅରଣ୍ୟାର ସମ୍ପାଦକ ଗାଳ୍ପିକ ରାଜୁ ଷଡଙ୍ଗୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସମ୍ମାନନୀୟ ଅତିଥି ବିଶିଷ୍ଟ ଗାଳ୍ପିକ ଗିରି ଦଣ୍ଡସେନା ବିନୋଦଚନ୍ଦ୍ର ନାୟକଙ୍କ ସାହିତ୍ୟିକ ଜୀବନ ଓ ତାଙ୍କ ଦ୍ୱାରା ରଚିତ କାବ୍ୟ ସଂକଳନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଅନ୍ୟତମ ଅତିଥିଭାବେ ଯୋଗଦେଇ କବି ଜଗଦୀଶ ପଟେଲ ବିନୋଦନାୟକଙ୍କ ଜବତା ସୌଜନ୍ୟ ବୋଧ ଓ ଗ୍ରାମ୍ୟ ଚେତନାକୁ ଜାଗ୍ରତ କରୁଥିଲା ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଆଇନଜୀବୀ ନିମାଇଁ ଚରଣ ନାଏକ ବିନୋଦଚନ୍ଦ୍ର ନାୟକଙ୍କୁ ସୁନ୍ଦରଗଡ଼ ସାହିତ୍ୟକାର ପ୍ରଥମ ସ୍ରଷ୍ଟା ତଥା ଏ ମାଟିର ବରପୁତ୍ର ବୋଲି ସମ୍ବୋଧନ କରିବା ସହ ଓଡ଼ିଆ ସାହିତ୍ୟକୁ ତାଙ୍କ ଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ତାଙ୍କ ରଚିତ କବିତା 'ଗ୍ରାମପଥ' ଓ 'ସରୀସୃପ' ଓଡ଼ିଆ ସାହିତ୍ୟର ମାଇଲଖୁଣ୍ଟ ବୋଲି ସେ କହିଥିଲେ । ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଯୁବ କବି ବିବିଧ ବିଶ୍ୱ ଧନ୍ୟବାଦଅର୍ପଣ କରିଥିଲେ ।

# ସବୁଜ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପୂଜ୍ୟପୂଜା ପରିଷଦ, ବଡ଼ମ୍ବାଙ୍କ ମିଳିତ ସହଯୋଗରେ ସବୁଜ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଏକ ସାରସ୍ୱତ ସଭା ବଡ଼ମ୍ବା ଟେନିସ୍ ପଡ଼ିଆସ୍ଥିତ ବୈକୁଣ୍ଠ ନାଥ ସ୍ମୃତି ସଂସଦଭବନଠାରେ ତା ୧୪.୯.୧୫ରିଖ ଅପରାହ୍ଣ ୩.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି ।

ପୂଜ୍ୟପୂଜା ପରିଷଦବଡ଼ମ୍ବାର ସଭାପତି ଶ୍ରୀ ବିରଜା ଚରଣ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ସାହିତ୍ୟିକ, ବାଗ୍ମୀ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ ପ୍ରଫେସର ରଜତ କୁମାର କର ମୁଖ୍ୟବକ୍ତା, ପଞ୍ଚାୟତ ସମିତି ବଡ଼ମ୍ବାଙ୍କ ଅଧ୍ୟକ୍ଷ ଶ୍ରୀ ପରମାନନ୍ଦ ସେଠୀ, ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ରୀ ଶିବବ୍ରତ ଘୋଷ ଓ ତହସିଲଦାର ଶ୍ରୀ ଗୌରହରି ବେହେରା ସମ୍ମାନନୀୟ ଅତିଥିଭାବେ

(ପଞ୍ଚମ ପୃଷ୍ଠା ଦେଖନ୍ତୁ)

## ସବୁଜ କବି ବୈକୁଣ୍ଠନାଥ... ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ ଦେଖନ୍ତୁ

ଯୋଗଦାନ କରି କହିଲେ ବୈକୁଣ୍ଠନାଥ ଥିଲେ ଜଣେ ଆଦର୍ଶ ଶିକ୍ଷକ ଓ ବିଶିଷ୍ଟ କବି । ଦୀର୍ଘ ଅର୍ଦ୍ଧଶତାବ୍ଦୀ ବ୍ୟାପୀ ତାଙ୍କର ନିରବଚ୍ଛିନ୍ନ ସାଧନା ଫଳରେ ଓଡ଼ିଆ କାବ୍ୟ ସାହିତ୍ୟ ହୋଇଛି ଋଦ୍ଧିମନ୍ତ ଓ ମହିମାନ୍ୱିତ । ତାଙ୍କର ଗୀତିମୟ, ଛନ୍ଦମୟ କବିତାଗୁଡ଼ିକରେ ମାନବିକତାର ସ୍ୱର ସୁସ୍ପଷ୍ଟ । ଗାଥା ଓ ଗୀତି କବିତାର ଅନନ୍ୟ ସ୍ରଷ୍ଟା ଭାବରେ ବୈକୁଣ୍ଠନାଥ ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ସୃଜନଶୀଳତାର ସ୍ୱାକ୍ଷର ରଖିଯାଇଛନ୍ତି । ଶେଷରେ ଏକାଡେମୀ ପକ୍ଷରୁ ଧନ୍ୟବାଦଅର୍ପଣ କରାଯାଇଥିଲା ।



# ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଯୁଗଜ୍ୟୋତି ସାହିତ୍ୟ ସଂସଦ, ବ୍ରହ୍ମଗିରିଙ୍କ ମିଳିତ ସହଯୋଗରେ ସିଦ୍ଧସାଧକ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଏକ ସାରସ୍ୱତ ସଭା ବ୍ରହ୍ମଗିରି ନିକଟ ଶାନ୍ତିଧାମସ୍ଥ ବାବା ଭୀମେଶ୍ୱର ସଂସ୍କୃତ ମହାବିଦ୍ୟାଳୟଠାରେ ତା ୨୧.୯.୧୫ରିଖ ପବିତ୍ର ରାଧାଷ୍ଟମୀ ତିଥିରେ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି ।

ଯୁଗଜ୍ୟୋତି ସାହିତ୍ୟ ସଂସଦର ସଭାପତି ଶ୍ରୀ ଦାମୋଦର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର ସିଦ୍ଧେଶ୍ୱର ମହାପାତ୍ର ମୁଖ୍ୟଅତିଥି, ଡକ୍ଟର ସୁନୀଲ ରଥ ସମ୍ମାନନୀୟ ଅତିଥି ଓ ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରି କହିଲେ, ଓଡ଼ିଆ ଭାଷା ସାହିତ୍ୟକୁ ନୂତନ ଦିଗ୍‌ଦର୍ଶନ ଦେବାରେ ତଥା ଓଡ଼ିଆ ଜାତିକୁ ସଂସ୍କୃତି ସମ୍ପନ୍ନ କରିବାରେ ଜଗନ୍ନାଥ ଦାସଙ୍କ ଉତ୍ସର୍ଗୀକୃତ ଜୀବନ ଏକ ଆଦର୍ଶନୀୟ ଭୂମିକା ଗ୍ରହଣ କରେ । ତାଙ୍କର ଅମର ସୃଷ୍ଟି ଓ ଅକ୍ଷୟ କୀର୍ତ୍ତି ଶ୍ରୀମଦ୍‌ଭାଗବତ ଓଡ଼ିଆ ସାହିତ୍ୟ ଓ ଓଡ଼ିଆ ଜାତି ପକ୍ଷରେ ଏକ ବଳିଷ୍ଠ ସାରସ୍ୱତ ଗ୍ରନ୍ଥ ଭାବେ ବିବେଚନା କରାଯାଏ । ପ୍ରାରମ୍ଭରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ପ୍ରଣେତା ଗୋପାଳଚନ୍ଦ୍ର ପ୍ରହରାଜଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପ୍ରହରାଜ ପ୍ରତିଭା ପୂଜା ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ପ୍ରଣେତା ଗୋପାଳଚନ୍ଦ୍ର ପ୍ରହରାଜଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଏକ ସାରସ୍ୱତ ସଭା କଟକ ଜିଲ୍ଲାର ସିଦ୍ଧେଶ୍ୱରପୁରସ୍ଥ ଗୋପାଳ ସ୍ମୃତି ବିଦ୍ୟାପୀଠ ଠାରେ ତା ୨୭.୯.୧୫ରିଖ ଅପରାହ୍ନ ୩ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି ।



ପ୍ରହରାଜ ପ୍ରତିଭା ପୂଜା ପରିଷଦର ସଭାପତି ଶ୍ରୀ ବିଜୟ ଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ  ପ୍ରଫେସର ବୈଷ୍ଣବ ଚରଣ ସାମଲ ମୁଖ୍ୟଅତିଥି, ଇଂ. ପରମାନନ୍ଦ ସାହୁ ସମ୍ମାନନୀୟ ଅତିଥି ଓ ଶ୍ରୀ ମହେନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରି କହିଲେ ଗୋପାଳ ଚନ୍ଦ୍ର ପ୍ରହରାଜ ପ୍ରଚଣ୍ଡ ପାଣ୍ଡିତ୍ୟର ଅଧିକାରୀ ଥିଲେ । ତାଙ୍କର ଓଡ଼ିଆ ଭାଷାପ୍ରୀତି କାରଣରୁ ଓଡ଼ିଆ ସାହିତ୍ୟର ମାନକୁ ସେ ବିଶ୍ୱ ସାହିତ୍ୟ ସହିତ ସମକକ୍ଷ କରାଇ ପାରିଥିଲେ । ପୂର୍ଣ୍ଣଚନ୍ଦ୍ର ଭାଷା କୋଷର ପ୍ରଣେତା ଭାବରେ ସେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଛନ୍ତି । ଶେଷରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# କବିବର ରାଧାନାଥ ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବିବର ରାଧାନାଥ ସ୍ମୃତି ସଂସଦଙ୍କ ମିଳିତ ଆନୁକୂଲ୍ୟରେ କବିବର ରାଧାନାଥ ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଏକ ସାରସ୍ୱତ ସଭା ବାଲେଶ୍ୱର ଜିଲ୍ଲା ସୋର ଅନ୍ତର୍ଗତ କବିଙ୍କ ଜନ୍ମ ପୀଠ କେଦାରପୁରଠାରେ ତା ୨୮.୯.୧୫ ରିଖ ସନ୍ଧ୍ୟା ୬.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି ।

କବିବର ରାଧାନାଥ ସ୍ମୃତି ସଂସଦର ସଭାପତି ଶ୍ରୀ ଲକ୍ଷ୍ମୀ ନାରାୟଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଶ୍ରୀ ଲକ୍ଷ୍ମୀକାନ୍ତ ପାଢ଼ୀ ସମ୍ମାନନୀୟ ଅତିଥି ଡକ୍ଟର ରବୀନ୍ଦ୍ର ବିହାରୀ ମୁଖ୍ୟବକ୍ତା ଓ ଶ୍ରୀ ଅଶୋକ ପାଲିତ୍ ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି କହିଲେ ରାଧାନାଥ ରାୟ ଓଡ଼ିଆ ସାହିତ୍ୟରେ ଆଧୁନିକ କାବ୍ୟ ଯୁଗର ପ୍ରବର୍ତ୍ତକ ଭାବରେ ବହୁ ଯଶ ଓ ଗୌରବର ଅଧିକାରୀ ଥିଲେ । ଓଡ଼ିଆ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପରିପ୍ରଚାର କ୍ଷେତ୍ରରେ ତାଙ୍କର  ଭୂମିକା ଅତୀବ  ଗୁରୁତ୍ୱପୂର୍ଣ୍ଣ । ନୂତନ ଶିକ୍ଷା ପ୍ରସାର ମାଧ୍ୟମରେ ନୂତନ ସାହିତ୍ୟିକ ଅଭିରୁଚିର ପ୍ରବର୍ତ୍ତନ ପାଇଁ ତାଙ୍କର ସାଧୁ ପ୍ରଚେଷ୍ଟା ପ୍ରଶଂସନୀୟ । ଶେଷରେ ଏକାଡେମୀ ପକ୍ଷରୁ ଧନ୍ୟବାଦଅର୍ପଣ କରାଯାଇଥିଲା ।

## ବାଗ୍ମୀ ଗୌରୀକୁମାର ବ୍ରହ୍ମାଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବାଗ୍ମୀ ଗୌରୀକୁମାର ବ୍ରହ୍ମାଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ଏକ ସାରସ୍ୱତ ସଭା ଭୁବନେଶ୍ୱରସ୍ଥ ଭଞ୍ଜକଳାମଣ୍ଡପଠାରେ ତା ୨୯.୯.୧୫ରିଖ ସନ୍ଧ୍ୟା ୬.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି । ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବାଉରୀବନ୍ଧୁ କର ଉଦ୍‌ଘାଟକ, ଶ୍ରୀ ପ୍ରଦୀପ କୁମାର ରଥ ମୁଖ୍ୟଅତିଥି ଓ ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ । ଏହି ସଭାରେ ଗୌରୀ କୁମାର ବ୍ରହ୍ମାଙ୍କ ସାରସ୍ୱତ ପ୍ରତିଭା ସମ୍ପର୍କରେ ଆଲୋଚନା କରି ବକ୍ତା ଓ ଅତିଥିବୃନ୍ଦ ନିଜ ନିଜର ମତ ଉପସ୍ଥାପନ କରିଥିଲେ । ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ ସ୍ୱୀୟ ଭାଷଣ ପ୍ରସଙ୍ଗରେ ଗୌରୀକୁମାର ବ୍ରହ୍ମାଙ୍କ ସମାଲୋଚନା ପଦ୍ଧତିକୁ ଦୃଷ୍ଟିରେ ରଖି ମାୟାଧର ମାନସିଂହ ତଥା ଦେବଗଡ଼ ଅଞ୍ଚଳର ସାହିତ୍ୟିକ ଜଳନ୍ଧର ଦେବଙ୍କ ପ୍ରବନ୍ଧ ଗୁଡ଼ିକର ସମାଲୋଚନାତ୍ମକ ବିଶ୍ଳେଷଣ କରିଥିଲେ । ଶେଷରେ ଏକାଡେମୀ ପକ୍ଷରୁ ପ୍ରଯୋଜନା ଅଧିକାରୀ ଶ୍ରୀ ରବିନାରାୟଣ ରାୟ ଧନ୍ୟବାଦଅର୍ପଣ କରିଥିଲେ ।

## ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ

ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଏକ ସାରସ୍ୱତ ସଭା ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପଠାରେ ତା ୨୫.୭.୧୫ରିଖ ସନ୍ଧ୍ୟା ୬ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି ।

ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ଅଶୋକ କୁମାର ଦାସ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ଦେବେନ୍ଦ୍ର କୁମାର ଜେନା ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି ଓଡ଼ିଆ ସାହିତ୍ୟର ବହୁବିଧ ଉନ୍ନତି ତଥା ପ୍ରଚାର ଓ ପ୍ରସାର ଦିଗରେ ଏକାଡେମୀର ଭୂମିକା ଓ କାର୍ଯ୍ୟ ଶୈଳୀ ପ୍ରଶଂସନୀୟ ବୋଲି କହିଥିଲେ । ଏ ଅବସରରେ ଅନୁଷ୍ଠିତ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ରାଜ୍ୟସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି ଓ ସାହିତ୍ୟ ସମ୍ପର୍କିତ ସାଧାରଣଜ୍ଞାନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ । ଶେଷରେ ଏକାଡେମୀ ପକ୍ଷରୁ ପ୍ରଯୋଜନା ଅଧିକାରୀ ଶ୍ରୀ ରବି ନାରାୟଣ ରାୟ ଧନ୍ୟବାଦଅର୍ପଣ କରିଥିଲେ ।




## କୁଚିଣ୍ଡାଠାରେ ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସମ୍ବଲପୁର ଜିଲ୍ଲାସ୍ଥ କୁଚିଣ୍ଡା ମହାବିଦ୍ୟାଳୟଠାରେ ତା ୩୦.୮.୧୫ରିଖ ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଏହି ଉତ୍ସବର ଉଦ୍‌ଘାଟନୀ ଉତ୍ସବ ଉକ୍ତ ଦିନ ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ଏକାଡେମୀର ସଦସ୍ୟ ଶ୍ରୀ ଗଣେଶରାମ ନାହାକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ କୁଚିଣ୍ଡାର ଉପଜିଲ୍ଲାପାଳ ଶ୍ରୀ ଦେବେନ୍ କୁମାର ପଧାନ ଉଦ୍‌ଘାଟକ ଭାବେ ଯୋଗଦାନ କରିଥିଲେ । ଶ୍ରୀ ଅଭୟ କୁମାର ପାଢ଼ୀ ମୁଖ୍ୟଅତିଥି ଭାବେ ଓ ଶ୍ରୀ ପ୍ରଦୀପ କୁମାର ରାୟ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି କୁଚିଣ୍ଡା ଅଞ୍ଚଳରେ ଓଡ଼ିଆ ସାହିତ୍ୟର ପ୍ରଚାର ଓ




ପ୍ରସାର ଦିଗରେ ଏକାଡେମୀ କରୁଥିବା ଉଦ୍ୟମକୁ ପ୍ରଶଂସା କରିଥିଲେ ।

ପୂର୍ବାହ୍ନ ୧୧ ଘଣ୍ଟା ସମୟରେ "ଓଡ଼ିଆ କବିତା ଓ ସ୍ୱଭାବ କବି ଗଙ୍ଗାଧର" ବିଷୟକ ଏକ ଆଲୋଚନା କାର୍ଯ୍ୟକ୍ରମ ଡକ୍ଟର ପ୍ରଦୀପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଡକ୍ଟର ସୌଭାଗ୍ୟବନ୍ତ ମହାରଣା ଓ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ । ସେହିପରି ଆଲୋଚନାରେ ଡକ୍ଟର ଗୋପୀନାଥ ବାଗ୍ ଓ ଶ୍ରୀ ରାମକୃଷ୍ଣ ସାହୁ ଭାଗ ନେଇ ସ୍ୱଭାବ କବି ଗଙ୍ଗାଧରଙ୍କ କବିତାଗୁଡ଼ିକର ଆଲୋଚନା କରିଥିଲେ । ଏହାପରେ ଶ୍ରୀ ଗିରିଜାଶଙ୍କର ଶର୍ମାଙ୍କ ପୌରୋହିତ୍ୟରେ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମ୍ମାନନୀୟ ଅତିଥି ଭାବେ ସରୋଜ ଏଥିରେ ଯୋଗଦାନ କରିଥିଲେ । ଏହି କବିତା ପାଠ କାର୍ଯ୍ୟକ୍ରମରେ ପଚାଶରୁ ଉର୍ଦ୍ଧ୍ୱ କବି ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ ।

## ନୟାଗଡ଼ଠାରେ କବି ସମ୍ମିଳନୀ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ତା ୩୧.୮.୧୫ରିଖରେ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କବି ସମ୍ମିଳନୀର ଉଦ୍‌ଘାଟନ ଉତ୍ସବ ଏକାଡେମୀର ନୟାଗଡ଼ ଜିଲ୍ଲା ସଦସ୍ୟ ଶ୍ରୀ ଶରତ କୁମାର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ପୂର୍ବାହ୍ନ ୧୧.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମାନ୍ୟବର ପଞ୍ଚାୟତରାଜ ଓ ଆଇନ ବିଭାଗ ମନ୍ତ୍ରୀ ଡକ୍ଟର ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ନୟାଗଡ଼ର ଜିଲ୍ଲାପାଳ ଶ୍ରୀ ହେମନ୍ତ କୁମାର ପାଢ଼ୀ ଏଥିରେ ବିଶିଷ୍ଟ ଅତିଥିଭାବେ ଯୋଗଦାନ କରି କହିଲେ ସାହିତ୍ୟ କେବଳ ମନୋରଞ୍ଜନ ପାଇଁ ନୁହେଁ ଏହା ସମାଜକୁ ପ୍ରଭାବିତ ଏବଂ ପରିବର୍ତ୍ତନ ମଧ୍ୟ କରିପାରେ । ବର୍ତ୍ତମାନ ସମୟରେ ଲେଖାଯାଉଥିବା ଅନେକ ଲେଖା ପାଠକଙ୍କ ବୋଧଗମ୍ୟ ହୋଇପାରୁନାହିଁ । ବିଶେଷକରି କବିତା ଯେତେବେଳେ ସାଧାରଣ ପାଠକଙ୍କ ବୋଧଗମ୍ୟ ହୋଇପାରିବ ସେତେବେଳେ ତାହାର ଚାହିଦା ବଢ଼ିବ । ଏହି ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ଯୋଗଦାନ କରି ଡକ୍ଟର ହୃଷୀକେଶ ମଲ୍ଲିକ କହିଲେ, ଓଡ଼ିଆ ଭାଷାକୁ ସୁବ୍ୟବସ୍ଥିତ କରିବା ସଙ୍ଗେ ସଙ୍ଗେ ଲିପିର ସଂସ୍କାର ଆଣିବାକୁ ପଡ଼ିବ । ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରସଙ୍ଗରେ କହିଲେ ତାରୁଣ୍ୟକୁ ଜଳାଞ୍ଜଳି ଦେଇ କୌଣସି ଜାତି ଉନ୍ନତି କରିପାରି ନାହିଁ । ନିଜ ଭାଷା, ସାହିତ୍ୟ ଓ ସଂସ୍କୃତିର ମୌଳିକତାକୁ ବଞ୍ଚାଇ ରଖିବା ଆମ ପ୍ରତ୍ୟେକଙ୍କ ଧର୍ମ ହେବା ଉଚିତ । ସେ ପୁଣି କହିଲେ ଲେଖକମାନଙ୍କ ପ୍ରତି ସମାଜରେ ବିପଦରହିଛି । ସମାଜର ବାସ୍ତବ ସ୍ଥିତିକୁ ନେଇ ଲେଖନୀ ଚାଳନା କଲେ ଆକ୍ରୋଶର ସମ୍ମୁଖୀନ ହେବାକୁ ପଡୁଛି । କିନ୍ତୁ ଦୁର୍ଭାଗ୍ୟର ବିଷୟ ପ୍ରତିଷ୍ଠିତ ସାହିତ୍ୟିକମାନେ ସାମାଜିକ ସମସ୍ୟାକୁ ନେଇ ମୁହଁ ଖୋଲୁ ନାହାଁନ୍ତି ।

ଏହାପରେ ଅଧ୍ୟାପକ ଡକ୍ଟର ଅଶୋକ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନ ୨ ଘଣ୍ଟା ସମୟରେ କବିତା ଆସର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ନାଟ୍ୟକାର ରାମଚନ୍ଦ୍ର ମିଶ୍ର, ସମ୍ମାନନୀୟ ଅତିଥିଭାବେ କ୍ଷୀରୋଦପତି, ବନ୍ଦନା ମିଶ୍ର, ସମ୍ମାନନୀୟ ବକ୍ତା ଭାବେ ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର ଓ ଶୁଭ୍ରାଂଶୁ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ବହୁ ସଂଖ୍ୟକ କବି ଓ କବୟିତ୍ରୀମାନେ ନିଜର ସ୍ୱରଚିତ କବିତା ପାଠ କରିଥିଲେ । କବିତା ଆସରକୁ ସଂଯୋଜନା କରିଥିଲେ ସ୍ମିତା ସ୍ୱାଇଁ ଓ ଗୀତାଶ୍ରୀ ପ୍ରିୟମ୍ବଦା ।

## ବରଗଡ଼ ଜିଲ୍ଲା ପଦ୍ମପୁରଠାରେ ଆଲୋଚନାଚକ୍ର

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବରଗଡ଼ ଜିଲ୍ଲାର ପଦ୍ମପୁରସ୍ଥ ପୁରୋହିତ କଲ୍ୟାଣ ମଣ୍ଡପଠାରେ ତା ୨୭.୯.୧୫ରିଖରେ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି ।

ଏହି ଆଲୋଚନାଚକ୍ରର ଉଦ୍‌ଘାଟନୀ ଅଧିବେଶନ ପୂର୍ବାହ୍ନ ୧୦.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଡକ୍ଟର ଘନଶ୍ୟାମ ପାଣିଗ୍ରାହୀ ଅଧ୍ୟକ୍ଷତା କରିବା ସହିତ ମାନ୍ୟବର ପଦ୍ମପୁର ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଓ ପ୍ରଫେସର ମହେନ୍ଦ୍ର କୁମାର ଭୋଇ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ । ପୂର୍ବାହ୍ନ ୧୧.୩୦ ଘଣ୍ଟା ସମୟରେ "ସ୍ୱଭାବକବି ଗଙ୍ଗାଧର ଓ ପଦ୍ମପୁର ଏକ ଆକଳନ" ବିଷୟକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଡକ୍ଟର ମାନଭଞ୍ଜନ ପ୍ରଧାନ ଓ ଡକ୍ଟର ଅଶୋକ କୁମାର ମହାପାତ୍ର ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିବା ସହିତ ଆଲୋଚକ ଭାବେ ଡକ୍ଟର ରବୀନ୍ଦ୍ର କୁମାର ଗଡ଼ତିଆ, ଡକ୍ଟର ବଭ୍ରୁବାହନ ମହାପାତ୍ର ଓ ଡକ୍ଟର ଶୁକମୁନି ମେହେର ଯୋଗଦାନ କରିଥିଲେ ।

ସେହିପରି ଅପରାହ୍ନ ୩ ଘଣ୍ଟା ସମୟରେ "ଓଡ଼ିଆ ସାହିତ୍ୟକୁ ବୋଡ଼ା ସମ୍ବର(ପଦ୍ମପୁର)ର ଅବଦାନ" ବିଷୟକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶ୍ରୀମତୀ ଉମା ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନା କାର୍ଯ୍ୟକ୍ରମରେ ଡକ୍ଟର ଦୁଃଖିଶ୍ୟାମ ସାହୁ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିବା ସହିତ ଡକ୍ଟର ଭକ୍ତ ପୁରନ୍ ସାହୁ, ଡକ୍ଟର ସନ୍ତୋଷିନୀ ବାବୁ, ଡକ୍ଟର ରଶ୍ମିରଞ୍ଜନ ମହାନ୍ତି ଓ ଡକ୍ଟର ଜୟକେତନ ତ୍ରିପାଠୀ ଆଲୋଚକ ଭାବେ ଯୋଗଦାନ କରିଥିଲେ ।

## ବ୍ରହ୍ମପୁରଠାରେ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଓ କବିତାପାଠ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବ୍ରହ୍ମପୁର ଉତ୍କଳ ଆଶ୍ରମ ରୋଡ଼ସ୍ଥ କଳିଙ୍ଗ ସାହିତ୍ୟ ସମାଜ ସଭାକକ୍ଷରେ ତା ୩୦.୯.୧୫ରିଖ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଓ କବିତାପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା । ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଧିବେଶନରେ ଶ୍ରୀମତୀ ଅମୀୟବାଳା ପଟ୍ଟନାୟକ ମୁଖ୍ୟଅତିଥି, ଶ୍ରୀ ବିପିନ୍ ନାୟକ ମୁଖ୍ୟବକ୍ତା ଓ ଶ୍ରୀ ହୃଷୀକେଶ ପାଣିଗ୍ରାହୀ ସମ୍ମାନନୀୟ ବକ୍ତାଭାବେ ଯୋଗଦାନ କରିଥିଲେ ।

ଆଲୋଚନାଚକ୍ରର ପ୍ରଥମ ବୈଷୟିକ ଅଧିବେଶନ ଅପରାହ୍ନ ୧୨.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଡକ୍ଟର ପ୍ରସନ୍ନ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । "ଓଡ଼ିଆ ସାହିତ୍ୟର ବିକାଶରେ ଦକ୍ଷିଣ ଓଡ଼ିଶାର ଭୂମିକା" ବିଷୟକ ଆଲୋଚନାରେ ଡକ୍ଟର କୁଳମଣି ଓଝା, ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଡକ୍ଟର ଅଜୟ କୁମାର ତ୍ରିପାଠୀମ ଓ ଶ୍ରୀ ରବୀନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ଆଲୋଚନାଚକ୍ରର ଦ୍ୱିତୀୟ ବୈଷୟିକ ଅଧିବେଶନ ଅପରାହ୍ନ ୨ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା । ଡକ୍ଟର ଅଲେଖ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାରେ ଡକ୍ଟର ସୁରେନ୍ଦ୍ର ନାଥ ପାଣିଗ୍ରାହୀ, ଡକ୍ଟର ହୃଷୀକେଶ ପଣ୍ଡା, ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ ଓ ଡକ୍ଟର ସଞ୍ଜୟ କୁମାର ପଣ୍ଡା ଅଂଶ ଗ୍ରହଣ କରିଥିଲେ ।

ସନ୍ଧ୍ୟା ୬ ଘଣ୍ଟା ସମୟରେ କବିତା ପାଠର ଆସର ଆରମ୍ଭ ହୋଇଥିଲା । ଏଥିରେ ଶ୍ରୀ ପ୍ରଶାନ୍ତ ମହାନ୍ତି ଅଧ୍ୟକ୍ଷତା କରିଥିଲେ । ଏକାଡେମୀ ଦ୍ୱାରା ନିମନ୍ତ୍ରିତ ପଚାଶରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତାଗୁଡ଼ିକ ଏ ଅବସରରେ ପାଠକରିଥିଲେ । କବିତାଗୁଡ଼ିକୁ ସଂଯୋଜନା କରିଥିଲେ ଡକ୍ଟର ବନମାଳୀ ପାଣିଗ୍ରାହୀ ଓ ଶ୍ରୀମତୀ ଅଞ୍ଜଳି ଦାଶ ।



# ରାଉରକେଲାଠାରେ ମେଘ ଉତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାଉରକେଲାସ୍ଥ ସିଭିକ୍ ସେଣ୍ଟରଠାରେ ତା ୨୫.୮.୧୫ ଓ ୨୬.୮.୧୫ରିଖ ଦୁଇଦିନ ବ୍ୟାପୀ ମେଘ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏ ଉପଲକ୍ଷେ ତା ୨୫.୮.୧୫ରିଖ ପୂର୍ବାହ୍ଣ ୧୦ ଘଣ୍ଟା ସମୟରେ ଉଦ୍‌ଘାଟନ ଉତ୍ସବ ପୂର୍ବାହ୍ଣ ୧୧ ଘଣ୍ଟା ସମୟରେ "ପ୍ରାଚୀନ ଓ ସାମ୍ପ୍ରତିକ କବିତାରେ ବର୍ଷା" ଶୀର୍ଷକ ଆଲୋଚନା କାର୍ଯ୍ୟକ୍ରମ ଓ ଅପରାହ୍ଣ ୧ ଘଣ୍ଟା ସମୟରେ ପ୍ରାଚୀନ ରଚନାରୁ ବର୍ଷା ବନ୍ଦନାର ସଙ୍ଗୀତ ପରିବେଷଣ କରାଯାଇଥିଲା । ସେହିପରି ତା ୨୬.୮.୧୫ ରିଖରେ ସ୍ଥାନୀୟ ନିମନ୍ତ୍ରିତ କବିମାନଙ୍କ ଦ୍ୱାରା ସ୍ୱରଚିତ କବିତା ପାଠ କରାଯାଇଥିଲା ।

ତା ୨୫.୮.୧୫ରିଖ ପୂର୍ବାହ୍ଣ ୧୦ ଘଣ୍ଟା ସମୟରେ ଅବସର ପ୍ରାପ୍ତ ପ୍ରଶାସକ ଲିଭନୁସ୍ କିଣ୍ଡୋ ମେଘ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସାହିତ୍ୟ ନିଜ ହିତରେ ନୁହେଁ ବରଂ ସମାଜର ହିତ ପାଇଁ ସମର୍ପିତ ହେଲେ ସାମଗ୍ରିକ ଭାବେ ସାଧାରଣ ଲୋକେ ଏଥିରୁ ଉପକୃତ ହୋଇ ପାରିବେ ବୋଲି କହିଥିଲେ । ସମ୍ମାନନୀୟ ଅତିଥି ବିଶିଷ୍ଟ ଗାଳ୍ପିକ ଭୂପେନ ମହାପାତ୍ର ରାଉରକେଲାର କଳା-ସଂସ୍କୃତି ଏବଂ ସର୍ବଭାରତୀୟ ଜୀବନ ଧାରା ଉପରେ ଆଲୋକପାତ କରିବା ସହ ରାଉରକେଲାର ପୂର୍ଣ୍ଣାଙ୍ଗ ସାଂସ୍କୃତିକ ଇତିହାସ ରଚନା ଉପରେ ଗୁରୁତ୍ୱାରୋପ କରିଥିଲେ । କବି ରାଜୀବ ପାଣି କାଳିଦାସଙ୍କ ରଚନାକୁ ଉଦ୍ଧାର କରି ବର୍ଷା ଆଷାଢ଼ର ପ୍ରଥମ ଦିନରେ କିପରି ଧାରଣାକୁ ରୋମାଞ୍ଚିତ କରେ ତା' ଉପରେ ବକ୍ତବ୍ୟ ରଖିଥିଲେ । ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର କବି ଜୟଦେବ ୭୦୦ ବର୍ଷ ତଳେ ମେଘର କବିତାକୁ ନେଇ ରାଧାକୃଷ୍ଣଙ୍କ ପ୍ରେମକୁ ଅନନ୍ୟ କରିଥିବାବେଳେ କାଳୀଦାସଙ୍କ କବିତାରେ ବର୍ଷାର ବର୍ଣ୍ଣନା ଅତୀବ ପ୍ରଶଂସନୀୟ ବୋଲି କହିଥିଲେ । ଏଥିରେ ଅଧ୍ୟକ୍ଷତା କରି ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଗାୟତ୍ରୀ ସରାଫ ବର୍ଷାର କାଳଜୟୀ ସ୍ରଷ୍ଟାମାନଙ୍କୁ ଯୁବପିଢ଼ି ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ । ଶେଷରେ ନାଟ୍ୟକାର ଭାସ୍କର ମହାପାତ୍ର ଧନ୍ୟବାଦଅର୍ପଣ କରିଥିଲେ ।

ପୂର୍ବାହ୍ଣ ୧୧ ଘଣ୍ଟା ସମୟର ଆଲୋଚନା କାର୍ଯ୍ୟକ୍ରମରେ "ପ୍ରାଚୀନ ଓ ସାମ୍ପ୍ରତିକ କବିତାରେ ବର୍ଷା "ଶୀର୍ଷକ ଆଲୋଚନା ଏକାଡେମୀର ସଦସ୍ୟ ଭଗବାନ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି ଅଳକା ଚାନ୍ଦ ଏବଂ ଅଦ୍ୱୈତ ପ୍ରସାଦବିଶ୍ୱାଳ ବର୍ଷା କବିତାର ବିଭିନ୍ନ ଧାରା ଏବଂ ଓଡ଼ିଶାର ଜନଜୀବନରେ ଏହାର ଚିତ୍ର ଓ ପ୍ରଭାବକୁ ନେଇ ବିଷଦଆଲୋଚନା କରିଥିଲେ । ସମ୍ମାନନୀୟ ଆଲୋଚକ ଚନ୍ଦ୍ରଶେଖର ହୋତା ଜଗନ୍ନାଥ ଦାସଙ୍କ ଭାଗବତଠାରୁ ଆରମ୍ଭ କରି ସାରଳାଙ୍କ ମହାଭାରତ ପର୍ଯ୍ୟନ୍ତ ସମସ୍ତଙ୍କ ସୃଷ୍ଟିରେ ଥିବା ବର୍ଷା କବିତାରୁ ପ୍ରାକୃତିକ, ଆଧ୍ୟାତ୍ମିକ କରୁଣାର ଧାରା, ପ୍ରେମ-ପ୍ରଣୟ ଓ ବିରହର  ଧାରା ଏବଂ ଶେଷରେ ବର୍ଷାର ଉଭୟ ଦିଗକୁ ନେଇ ବାସ୍ତବତାର ଧାରା ସୃଷ୍ଟି ହୋଇଛି ବୋଲି କହିଥିଲେ ।

ବର୍ଷା ଋତୁ ଅନନ୍ୟ ସମ୍ଭାବନାର ଋତୁ ହୋଇଥିବାବେଳେ ଏହାକୁ ସ୍ରଷ୍ଟାମାନେ ବିଭିନ୍ନ ରୂପରେ ଉପସ୍ଥାପିତ କରିଛନ୍ତି । ପ୍ରାଧ୍ୟାପକ ଡକ୍ଟର ପ୍ରଭାତ ମଲ୍ଲିକ ଅନ୍ୟତମ ଆଲୋଚକ ଭାବେ ଯୋଗଦେଇ ପ୍ରସିଦ୍ଧ ଇଂରାଜୀ କବିତା ଓଡ଼ିଶାର କବିମାନଙ୍କ କବିତାକୁ ନିଜ ବକ୍ତବ୍ୟରେ ଉଦ୍ଧୃତ କରି ସାମ୍ପ୍ରତିକ କବିମାନେ ବର୍ଷାକୁ ନେଇ ଅଧିକ ବାସ୍ତବବାଦୀ ହୋଇ ପଡ଼ିଥିବା କହିଥିଲେ । ବର୍ଷା କବିମାନଙ୍କୁ ଅଧିକ କବିତା ମନସ୍କ କରିଥିବାବେଳେ ସମସ୍ତଙ୍କ ପାଇଁ ବର୍ଷାର ଆବେଗ ଓ ଆବେଦନ ରହିଥାଏ ବୋଲି ସେ କହିଥିଲେ ।

ଅପରାହ୍ଣ ୧ ଘଣ୍ଟା ସମୟରେ ପ୍ରାଚୀନ ରଚନାରୁ ବର୍ଷା ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୋନାଲିସା ମିଶ୍ର କବିତାଗୁଡ଼ିକ ସଂଯୋଜନା କରିଥିବାବେଳେ ସଂଗ୍ରାମ ପତି ଦୀନକୃଷ୍ଣ ଦାସଙ୍କ ରଚନାରୁ ଏକ ସଙ୍ଗୀତ ପରିବେଷଣ କରିଥିଲେ । ଅନ୍ୟାନ୍ୟଙ୍କ ମଧ୍ୟରେ ଭାସ୍କର ଚନ୍ଦ୍ର ପୁହାଣ, ବୀଣାପାଣି ରଥ, ପ୍ରଦୀପ ପଣ୍ଡା, ସୁଶାନ୍ତ କୁମାର ପାଣି ପ୍ରମୁଖ ବହୁ ପ୍ରସିଦ୍ଧ କବିଙ୍କର ସଙ୍ଗୀତ ଗାନ କରିଥିଲେ । ଶେଷରେ ଏକାଡେମୀ ପକ୍ଷରୁ ସଞ୍ଜୟ କୁମାର ଛଆଳସିଂହ ଧନ୍ୟବାଦଅର୍ପଣ କରିଥିଲେ ।

ତା ୨୬.୮.୧୫ ରିଖ ପୂର୍ବାହ୍ଣ ୧୦ ଘଣ୍ଟା ସମୟରେ କବିତାପାଠର ଆୟୋଜନ କରାଯାଇଥିଲା । ଶ୍ରୀ ସୁଶାନ୍ତ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କବିତା ଆସରରେ ଡକ୍ଟର କୃପାସିନ୍ଧୁ ନାୟକ ମୁଖ୍ୟଅତିଥି, ଶ୍ରୀ ସ୍ୱରୂପ ମହାପାତ୍ର ଓ ଶ୍ରୀ ରାଜୀବ ପାଣି ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ । ଏହି କବିତା ଆସରକୁ ସଂଯୋଜନା କରିଥିଲେ ଶ୍ରୀ ଶରତ କୁମାର ଆଚାର୍ଯ୍ୟ, ଶ୍ରୀ ନୀଳଲୋହିତ ମହାପାତ୍ର ଓ ଶ୍ରୀମତୀ ଅଙ୍ଗୁରବାଳା ପରିଡ଼ା । ଏଥିରେ ପଚାଶରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତାଗୁଡ଼ିକ ପାଠ କରିଥିଲେ ।




ଓଡ଼ିଶା ସାହିତ୍ୟ ଏକାଡେମୀ
ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୧୪
ଦୂରଭାଷ:୦୬୭୪-୨୪୩୧୮୩୯/ ଫ୍ୟାକ୍ସ :୨୪୩୧୮୪୦
ଇ-ମେଲ:**orissasahityaakademi@rediffmail.com**
ୱେବସାଇଟ୍:**www.orissasahityaakademi.org**

ସମ୍ପାଦନା :
ସୁଶାନ୍ତ କୁମାର ନାୟକ
ପ୍ରଦୀପ କୁମାର ପୂଜାପଣ୍ଡା

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ , ମୁଦ୍ରଣ : ପେଜ୍‌ମେକର କମ୍ପୁଟର ସର୍ଭିସେସ୍, ଭୁବନେଶ୍ୱର